ଦୁର୍ବାସା

କଟକ ଷ୍ଟୁଡେଂ ଷ୍ଟୋର

Digitized by :- Deb's Library Corner, Tambahara

Kshetra Mohan Bhitiria
Keshadurapal

ଆର୍ଯ୍ୟଋଷି—ଗ୍ରନ୍ଥମାଳା— ଦ୍ୱିତୀୟ ଖଣ୍ଡ

ଉର୍ବଶୀ

ଶ୍ରୀ ଗୋଦାବରୀଶ ମହାପାତ୍ର

ପ୍ରଥମ ସଂସ୍କରଣ

ପ୍ରକାଶକ
କଟକ ଟ୍ରେଡ଼ିଂ କମ୍ପାନୀ
ବାଲୁବଜାର—କଟକ
୧୯୨୯

ମୂଲ୍ୟ ଛଅଣା ମାତ୍ର

Digitized by :- Deb's Library Corner, Tambahara

ସଚିତ୍ର

ଶିଶୁପାଠ୍ୟ ପୁସ୍ତକାବଳୀ

୧ ।	ଲବକୁଶ	ଶ୍ରୀ କୃଷ୍ଣଚନ୍ଦ୍ର କର	ଟ ୦।୶
୨ ।	ପରଶୁରାମ	,,	ଟ ୦।୶
୩ ।	ସତୀ	,,	ଟ ୦।୷
୪ ।	ଅଭିମନ୍ୟୁ	,,	ଟ ୦।୷
୫ ।	ସୁନାରାଇଜ	,,	ଟ ୦।୷
୬ ।	ମହାଭାରତକଥା—୧ମ ଭାଗ	,,	ଟ ୦୲
୭ ।	,, —୨ୟ ଭାଗ	,,	ଟ ୦୲୶
୮ ।	ଶ୍ରୀବତ୍ସ	ଶ୍ରୀ ଚନ୍ଦ୍ରମଣି ମହାପାତ୍ର	ଟ ୦।୶
୯ ।	ବାଲବୀର—୧ମ ଭାଗ	ଶ୍ରୀ ରମାରଞ୍ଜନ ମହାନ୍ତି	ଟ ୦୷
୧୦ ।	,, —୨ୟ ଭାଗ	,,	ଟ ୦୷
୧୧ ।	ଦଧୀଚି	ଶ୍ରୀ ଜଗନ୍ନାଥ ମହାପାତ୍ର	ଟ ୦୷
୧୨ ।	ଦାତା ହରିଶ୍ଚନ୍ଦ୍ର	ଶ୍ରୀ ବାସୁଦେବ ମହାପାତ୍ର	ଟ ୦।୶
୧୩ ।	ମୈତ୍ରେୟୀ	ଶ୍ରୀ ରାଧାନାଥ ରଥ	ଟ ୦୲
୧୪ ।	ଗୁଣାଢ୍ୟ	ଶ୍ରୀ ଉପେନ୍ଦ୍ର ତ୍ରିପାଠୀ	ଟ ୦୷
୧୫ ।	ସୁନାପାହାଡ଼	ଶ୍ରୀ ବାଙ୍କନିଧି ପଟ୍ଟନାୟକ	ଟ ୦୲

ପ୍ରାପ୍ତିସ୍ଥାନ—
କଟକ ଟ୍ରେଡିଂ କମ୍ପାନୀ,
କଟକ ।

ସୂଚୀ

ଜନ୍ମ ... ୧

ଦୁର୍ବାସା ଯୋଗ ସାଧିଲେ ... ୩

ଦୁର୍ବାସା ବାଘ ହେଲେ ... ୫

ପୁଣି ଭୁଲ ବାହାରିଲେ ... ୭

ଦୁର୍ବାସା ଇନ୍ଦ୍ରଙ୍କୁ ଶାପ ଦେଲେ ... ୯

ମୁଦ୍‌ଗଲ ଋଷିଙ୍କ ଦାତାପଣିଆ ... ୧୨

ଔର୍ବଋଷିଙ୍କ ଅଭିଶାପ ଫଳିଲା ... ୧୪

ଶକୁନ୍ତଳାଙ୍କୁ ଶାପ ଦେଲେ ... ୧୬

ଅଯୋଧ୍ୟାରେ ଦୁର୍ବାସା ... ୧୮

କୁନ୍ତୀ ବର ପାଇଲେ ... ୨୦

ଶ୍ରୀକୃଷ୍ଣଙ୍କ ଘରେ ଅତିଥି ... ୨୨

ପାଣ୍ଡବଙ୍କ ପାଖେ ଅତିଥି ... ୨୪

ଦୁର୍ବାସା ତପସ୍ୟାରେ ବସିଲେ ... ୨୬

Library book of Dhalagiri H. School 1935

ଦୁର୍ବାସା

ଜନ୍ମ

ଏ ପୃଥିବୀର ଜୀବଜନ୍ତୁ ଗଛପତ୍ର ସବୁ ବ୍ରହ୍ମାଙ୍କ ସୃଷ୍ଟି । ଏହା ସୃଷ୍ଟି କରିବା ଆଗରୁ ବ୍ରହ୍ମା ନିଜ ମନରୁ ଦଶଗୋଟି ପୁଅ ସୃଷ୍ଟି କରିଥିଲେ । ଏହି ପୁଅମାନେ ଯୋଗ ସାଧନା କରି ଜଣେ ଜଣେ ମହର୍ଷି ବୋଲାଇଲେ; ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ମନ ଇଚ୍ଛାରେ ବୁଲିଲେ ଏବଂ ପୃଥିବୀର ବହୁତ ଉପକାର କଲେ ।

ବ୍ରହ୍ମାଙ୍କ ଦ୍ୱିତୀୟ ପୁଅଙ୍କ ନାଁ ଅତ୍ରି । ଅତ୍ରି ଜଣେ ଭାରି ବଡ଼ ଋଷି । ଚିତ୍ରକୂଟ ପର୍ବତର ଦକ୍ଷିଣକୁ ଏହାଙ୍କର ଆଶ୍ରମ ଥିଲା । ଏ ମହର୍ଷି ହେବା ଆଗରୁ ଶହେ ବର୍ଷ କାଳ ବଡ଼ କଷ୍ଟ ସହି ତପସ୍ୟା କରିଥିଲେ । ତପସ୍ୟାରେ ବହୁତ ଜ୍ଞାନଲାଭ କରି ଭଗବାନଙ୍କ ନାଁରେ ଅନେକ ଜଣାଣ ରଚନା କଲେ । ଏ 'ଅତ୍ରି ସଂହିତା' ବୋଲି ଏକ ଶାସ୍ତ୍ର ଲେଖି ଯାଇଛନ୍ତି । ଆକାଶରେ ସପ୍ତର୍ଷି ବୋଲି ଯେଉଁ ତାରାପୁଞ୍ଜ ଦେଖାଯାନ୍ତି, ସେ ମଧ୍ୟରେ ଅତ୍ରି ବୋଲି ଏକ ତାରା ଅଛି । ପୁରାଣରେ ଅଛି ଯେ, ଅତ୍ରି ମହର୍ଷି ଭଲ କାର୍ଯ୍ୟ କରି ଅମର ହୋଇ ସେଠାରେ ଅଛନ୍ତି ।

ସେହି ସମୟରେ ଆମ ଦେଶରେ କର୍ଦ୍ଦମ ବୋଲି ଆଉ ଜଣେ ବଡ଼ ଋଷି ଥିଲେ । ସରସ୍ୱତୀ ନଈ କୂଳରେ ସେ ଦଶହଜାର ବର୍ଷ

Digitized by :- Deb's Library Corner, Tambahara

ତପସ୍ୟା କରିଥିଲେ । ସ୍ୱାୟମ୍ଭୁବ ମନୁଙ୍କ ଝିଅ ଦେବହୁତି ତାଙ୍କୁ ବାହା ହୋଇଥିଲେ ।

ଏହି କର୍ଦ୍ଦମ ଋଷିଙ୍କ ଝିଅ ଅନସୂୟାଙ୍କୁ ଅତ୍ରି ବାହା ହେଲେ । ତାଙ୍କର ଔରସରୁ ଅନସୂୟାଙ୍କ ଗର୍ଭରୁ ତିନୋଟି ପୁଅ ଜନ୍ମ ହେଲେ । ବଡ଼ ପୁଅ ନାଁ ସୋମ, ମଝିଆ ପୁଅ ନାଁ ଦତ୍ତ ଏବଂ ସଭି ସାନପୁଅ ନାଁ ଦୁର୍ବାସା । କେହି କେହି କହନ୍ତି, ଦୁର୍ବାସା ମହାଦେବଙ୍କ ଅବତାର । ମହାଦେବ ଅନସୂୟାଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କର ପୁଅ ହୋଇ ଜନ୍ମ ହୋଇଥିଲେ ।

Digitized by :- Deb's Library Corner, Tambahara

ଦୁର୍ବାସା ଯୋଗ ସାଧିଲେ

ଋଷିଙ୍କ ଆଶ୍ରମରେ ଋଷିପିଲାମାନେ ଆନନ୍ଦରେ ଥାଆନ୍ତି । ସେମାନେ କାହାର ଅନିଷ୍ଟ କରନ୍ତି ନାହିଁ, ବାପ ମାଆଙ୍କ ସେବା କରୁ ଥାଆନ୍ତି, ଦିଅଁଙ୍କ ପାଇଁ ବଗିଚାରୁ ଫୁଲ ତୋଳନ୍ତି, ଗଛରେ ପାଣି ଦିଅନ୍ତି, ଭୋଗ ପାଇଁ ଫଳମୂଳ ଆଣନ୍ତି, ପୋଥି ଧରି ପାଠ ପଢ଼ନ୍ତି । ମାତ୍ର ଦୁର୍ବାସା ପିଲାଦିନେ ସେପରି ନ ଥିଲେ । ସେ ଭାରି ଅବୋଲକରା ଥିଲେ । ଅଡ଼ବାୟା ପରି କାର୍ଯ୍ୟ କରୁଥିଲେ । ସାଙ୍ଗ ପିଲାମାନେ ତାଙ୍କୁ ଭୟରେ ଭରସି କଥା କହି ପାରୁ ନ ଥିଲେ । ସେ କାହାକୁ ମାରନ୍ତି, କାହାକୁ ଗାଳି ଦିଅନ୍ତି, କାହା କାହାକୁ ରାଗରେ ପୋଡ଼ି ଜାଳି ଦେବା ପାଇଁ ଧମକାନ୍ତି ।

ବଡ଼ ହେବା ସଙ୍ଗେ ସଙ୍ଗେ ତାଙ୍କର ଏ ରାଗ ପ୍ରକୃତି ବଢ଼ିଲା ସତ, ମାତ୍ର ବୁଦ୍ଧି ବଳରେ ସେ ଦିନକୁ ଦିନ ନାନା ଗୁଣ ଅର୍ଜିଲେ । ସେ ଋଷିମାନଙ୍କ ପରି ତପସ୍ୟା କରି ବଡ଼ ହେବାକୁ ମନ ବଳାଇଲେ । କ୍ରମେ କ୍ରମେ ଶାସ୍ତ୍ର ପଢ଼ାରେ ମନ ଦେଲେ, ଲାଗି ପଡ଼ି ଯୋଗ ସାଧିଲେ, ବହୁତ ଜ୍ଞାନ ଅର୍ଜିଲେ । ସେ ତ ମହାଦେବଙ୍କ ଅବତାର; ତାଙ୍କୁ ସବୁ ପାଠ, ଯୋଗବିଦ୍ୟା ଘୋଷିଲାପାଠ ପରି ଆଗେ ଆଗେ ଆସିଗଲା । ମାତ୍ର ଦିନକୁ ଦିନ ଲୋକେ ତାଙ୍କୁ ବେଶୀ ବେଶୀ ଭୟ କଲେ । ତାଙ୍କୁ କିଏ ଟିକିଏ ଥଟ୍ଟା କଲେ ସେ ରାଗରେ ତାଙ୍କୁ ଭସ୍ମ କରି ଦେବାକୁ ବାହାରନ୍ତି, କିଏ ହସି ଦେଲେ ଅଭିଶାପ ଦିଅନ୍ତି, କାହାର ଭୁଲ୍ ଦେଖିଲେ ଆଗପଛକୁ ନ ବିଚାରି ମାରି ଗୋଡ଼ାନ୍ତି ।

ଯୋଗ ସାଧି ସାରିଲା ପରେ ଦୁର୍ବାସାଙ୍କର ଘରେ ରହିବାକୁ ଆଦୌ ମନ ହେଲା ନାହିଁ; ବାହାରିଲେ, "ଥରେ ଯାଇ ପୃଥିବୀର ସବୁଆଡ଼ ବୁଲି ଆସିବା; ଦେଖିବା, ସଂସାରଟା କିପରି ତିଆରି ହୋଇଛି ।"

ତାଙ୍କର ଗୁଣ ଜାଣି ବାପ ମା ତାଙ୍କୁ ଯିବାକୁ ମନା କଲେ ନାହିଁ । ସେ ତ ଯୋଗବଳରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯାଇ ପାରୁଥିଲେ; ମନ ଖୁସିରେ ଘର ଛାଡ଼ି କେତେ ବର୍ଷ ସଂସାରଟାଯାକ ବୁଲିଲେ ।



Digitized by :- Deb's Library Corner, Tambahara

ଦୁର୍ବାସା ବିଭା ହେଲେ

ନାନା ଦେଶ, ନଈ, ସମୁଦ୍ର, ବଣ, ପର୍ବତ, ଆଶ୍ରମ, ନଗର ବୁଲି ବୁଲି ଦୁର୍ବାସାଙ୍କ ମନ ବୋଧ ହୋଇଗଲା । ତହୁଁ ସେ ବିଭା ହୋଇ ଏକ ଆଶ୍ରମ କରି କେତେ ଦିନ ସୁଖରେ ରହିବେ ବୋଲି ବସ୍ତ୍ରିଲେ । ମାତ୍ର ଏପରି ରାଗୀ ଋଷିଙ୍କୁ କନ୍ୟା କିଏ ଦେବ ? ସମସ୍ତେ ତାଙ୍କୁ ଭୟ କଲେ । ଦୁର୍ବାସା ନିଜେ ନିଜ ପାଇଁ କନ୍ୟା ଖୋଜିବାକୁ ବୁଲିଲେ । ସେହି ସମୟରେ ଆମ ଦେଶରେ ଔର୍ବ ବୋଲି ଜଣେ ମହର୍ଷି ଥିଲେ; ତାଙ୍କର ଭାରି ମହିମା । ସେ ଜନ୍ମ ହେଲା ମାତ୍ରେ ଶତ୍ରୁମାନଙ୍କୁ ଅନ୍ଧ କରି ପକାଇଥିଲେ । ତାଙ୍କପରି ଜ୍ଞାନୀ ଋଷି ଆମ ଦେଶରେ ଅତି ଅଳ୍ପ ଥିଲେ ।

ଔର୍ବ ମହର୍ଷିଙ୍କର କନ୍ଦଳୀ ବୋଲି ଗୋଟିଏ ଝିଅ ଥିଲେ । କନ୍ଦଳୀ ଭାରି ଦୁଷ୍ଟା, କଳି କଜିଆରେ ତାଙ୍କୁ କେହି ପାରନ୍ତି ନାହିଁ । ତେଣୁ ବାପା ତାଙ୍କ ନାଁ ଟି ଦେଇଥିଲେ 'କନ୍ଦଳୀ' । ଦୁର୍ବାସା ଦିନେ ଔର୍ବଙ୍କ ଆଶ୍ରମକୁ ଯାଇ କନ୍ଦଳୀଙ୍କୁ ବିଭା ହେବାକୁ ଠିକ୍ କଲେ । ଏ କଥାରେ ଔର୍ବ ମନା କଲେ ନାହିଁ । ବିଭାଘର ସର୍ବଶୁଭରେ ସରିଲା, ମାତ୍ର କଳିକାଣ୍ଡୋରି କନ୍ୟାକୁ କଳିକାଣ୍ଡୁଆ ବର—ଯେ ଶୁଣିଲା ସେ ବିଚାରିଲା, ଏଥିରେ କିଛି ଗୋଟେ ହେଲେ ଅନର୍ଥ ହେବ । ବିଭାଘର ପରେ ଔର୍ବ ଜ୍ୱାଇଁ ଦୁର୍ବାସାଙ୍କୁ ଡାକି କଅଁଳେଇ ସଅଁଳେଇ କହିଲେ, "ବାବା, ମୋ ଝିଅଟି ଟିକିଏ ଦୁଷ୍ଟା । କେତେବେଳେ କଣ ଦୋଷ କରି ବସିବ । ତୁମେ ତ ତାର ଗୁରୁ ପରି ହେଲ, ପିଲାଟାର ଦୋଷ ଧରିବ ନାହିଁ ।"

ମାତ୍ର ଦୁର୍ବାସା ତ କମ୍ ଦୁଷ୍ଟ ନୁହନ୍ତି ! ସେ କହିଲେ, "ଅଚ୍ଛା, କିଛି ଭାବନା କରନ୍ତୁ ନାହିଁ । ଆପଣଙ୍କ ଝିଅଙ୍କର ଶହେ ଦୋଷ ଯାଏଁ ମୁଁ ତାଙ୍କୁ କ୍ଷମା ଦେବି । ଯେଉଁ ଦିନ ଶହେଟିକରୁ ବେଶୀ ଦୋଷ ସେ କରି ବସିବେ, ସେ ଦିନ ଶାପ ଦେବି ।"

ଏହା କହି ଦୁର୍ବାସା ମନ ଖୁସିରେ କନ୍ଦଳୀଙ୍କୁ ସାଙ୍ଗରେ ଧରି ଆସି ଗୋଟିଏ ଆଶ୍ରମ କଲେ । ସେଠାରେ କେତେଦିନ ତାଙ୍କର ସୁଖରେ କଟିଲା । ମାତ୍ର ଆଶ୍ରମ କରିଥିବା ସମୟରେ ସେ ମନେ ମନେ କନ୍ଦଳୀଙ୍କ ଦୋଷ ସବୁ ଗଣିବାରେ ଲାଗିଥାନ୍ତି । କନ୍ଦଳୀ ମଧ୍ୟ ରାଗି କରି ସବୁବେଳେ ସ୍ୱାମୀଙ୍କ ସଙ୍ଗେ ଝଗଡ଼ା କରୁଥାନ୍ତି । ଯେଉଁଦିନ କନ୍ଦଳୀ ଶହେ ଏକ ଗୋଟି ଦୋଷ କଲେ ବୋଲି ଦୁର୍ବାସା ଜାଣି ପାରିଲେ, ସେଦିନ ସେ ଆଗ ପଛକୁ କିଛି ବିଚାର ନ କରି ରାଗରେ ଅଗ୍ନିମୂର୍ତ୍ତି ହୋଇ ତାଙ୍କୁ ଶାପ ଦେଲେ, "ତୁ ଭସ୍ମ ହୋଇ ଯା ।"

ଦୁର୍ବାସାଙ୍କ କଥା ଅନ୍ୟଥା ହେବାର ନୁହେଁ । ତାଙ୍କ ମୁହଁରୁ କଥା ବାହାରୁ ନ ବାହାରୁ କନ୍ଦଳୀ ମୁହୂର୍ତ୍ତକେ ହୁ ହୁ ଜଳି ଯାଇ ପାଉଁଶ ମୁଠାଏ ହୋଇଗଲେ । ଦୁର୍ବାସାଙ୍କ ରାଗ ଶାନ୍ତ ହେଲା ।

ଜ୍ୱାଇଁ ଦୁର୍ବାସା ଝିଅକୁ ଜାଳି ଦେଇଥିବା କଥା ମହର୍ଷି ଔର୍ବ ଜାଣି ପାରିଲେ । ସେ ତ ଜଣେ ବଡ଼ ଋଷି, ସେ ଦୁଃଖରେ ଦୁର୍ବାସାଙ୍କୁ ଶାପ ଦେଲେ, "ମୋ ଝିଅକୁ ମାରିଦେଇ ମୋ ମନରେ କଷ୍ଟ ଦେଲୁ । ତୋର ଏ ବଡ଼ପଣିଆ ସବୁ ଦିନକୁ ରହିବ ନାହିଁ ।" ଶ୍ୱଶୁରଙ୍କର ଅଭିଶାପ ଶୁଣି ଦୁର୍ବାସାଙ୍କ ମନ ମଧ୍ୟ ଟିକିଏ କାମିତ ଖରାପ ହୋଇ ଗଲା । ସେ ଜାଣି ପାରିଲେ ଯେ, ଔର୍ବଙ୍କ ଅଭିଶାପରେ ମୋର କେତେବେଳେ ହେଲେ କିଛି କ୍ଷତି ହେବ, କିମ୍ବା ମୋତେ ଅପମାନ ମିଳିବ ।"

ପୁଣି ବୁଲି ବାହାରିଲେ

ଦୁର୍ବାସାଙ୍କର ଏପରି ପ୍ରକୃତି ଯେ, ସେ ସ୍ଥିର ହୋଇ ଠାଏ ରହନ୍ତି ନାହିଁ । ଏହିକ୍ଷଣି ମନ ହେଲା ଆଶ୍ରମ କରିବେ ବୋଲି ତ ଆଉ କ୍ଷଣକରୁ ମନ ହେବ, "ନା, ଆଶ୍ରମ କରି ରହିଲେ କିଛି କାର୍ଯ୍ୟ କରି ହେବ ନାହିଁ । ଦେଶ ବିଦେଶରେ ବୁଲି କାର୍ଯ୍ୟ କରିବାକୁ ହେବ ।" ଦୁର୍ବାସା କେବେ ହେଲେ ପରର ଅପମାନ ସହି ପାରନ୍ତି ନାହିଁ । କିଏ ଅପମାନ ଦେଲେ ସଙ୍ଗେ ସଙ୍ଗେ ତାକୁ ଅଭିଶାପ ଦିଅନ୍ତି । ସେ ଯାହା କଥାରେ କହନ୍ତି, ତାହା କାର୍ଯ୍ୟରେ ପାଳନ କରନ୍ତି ।

କନ୍ଦଳୀଙ୍କୁ ଭସ୍ମ କଲା ପରେ ସେ ଆଶ୍ରମ ନ ଭାଙ୍ଗି ଯଦୁକୁଳର ଗୋଟିଏ କନ୍ୟା ଆଣି ବାହା ହେଲେ । ମାତ୍ର ତାଙ୍କୁ ଧରି ବେଶୀ ଦିନ ସେ ଆଶ୍ରମ କଲେ ନାହିଁ । ଦିନେ ଆଶ୍ରମ ଛାଡ଼ି ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁର ବୁଲିବାକୁ ମନ ବଳାଇ ବାହାରିଲେ ।

ଋଷିମାନଙ୍କର ଶିଷ୍ୟ ଥାନ୍ତି । କେଉଁ ଋଷିଙ୍କର ଶହେ, କାହାର ପାଞ୍ଚଶହ, କାହାର ହଜାରେ, କାହା କାହାର ବା ଦଶହଜାର ପର୍ଯ୍ୟନ୍ତ ଶିଷ୍ୟ ଥାନ୍ତି । ଶିଷ୍ୟମାନେ ଗୁରୁଙ୍କ ସେବା କରନ୍ତି, ସେ ଯାହା କହନ୍ତି ତାହା ପାଳନ୍ତି । ଦୁର୍ବାସାଙ୍କର ଆଦୌ ଶିଷ୍ୟ ନ ଥିଲେ । ସେ ଏଣିକି ନିଜର ଶିଷ୍ୟ ଗଢ଼ିବାକୁ ମନ କଲେ । ମାତ୍ର ତାଙ୍କ ପାଖରେ ଶିଷ୍ୟ ହେବାକୁ ହେଲେ ଜୀବନର ଆଶା ଛାଡ଼ିବାକୁ ହେବ । କେତେ-ବେଳେ କଣ ଟିକିଏ ଭୁଲ୍ ହୋଇଗଲେ ଗୁରୁ ସାଙ୍ଗେ ସାଙ୍ଗେ

ଅଭିଶାପ ଦେଇ ସବୁ ଶେଷ କରିଦେବେ । ତଥାପି ଦୁର୍ବାସା ଋଷିଙ୍କ ଖାସ୍ ପ୍ରକୃତି ଜାଣି ତାଙ୍କ ସେବା କରିବାପାଇଁ ଅନେକ ଶିଷ୍ୟ ବାହାରିଲେ । କେତେ ଦିନ ମଧ୍ୟରେ ତାଙ୍କର ଦଶହଜାର ଶିଷ୍ୟ ପୂର୍ଣ୍ଣ ହୋଇଗଲେ । ଆଶ୍ରମରେ ଆଉ ସ୍ଥାନ ହେଲା ନାହିଁ । ତାଙ୍କ ଶିଷ୍ୟଗୁଡ଼ିକ ଗୋଟିଏ ଗୋଟିଏ ଋଷି ପରି । ସମସ୍ତେ ସତ୍ୟବାଦୀ, ସମସ୍ତେ ସାଧୁ, ସମସ୍ତେ ଗୁରୁଭକ୍ତ । ଏହି ଶିଷ୍ୟମାନଙ୍କୁ ଧରି ଦୁର୍ବାସା ମହା ଆନନ୍ଦରେ ପୃଥିବୀ ବୁଲିଲେ । ସେ ଯେଉଁଠାକୁ ଗଲେ ସମସ୍ତେ ତାଙ୍କୁ ପୂଜା କଲେ । ତାଙ୍କ ମହିମା କଥା ଦେଶର ସବୁଆଡ଼େ ବାଜିଲା । ତାଙ୍କ ଜାଣିବାରେ କେହି ଆଉ ଅନ୍ୟାୟ କରିବାକୁ ସାହସ କଲେ ନାହିଁ । ଦେବତାଙ୍କ କାର୍ଯ୍ୟ ବା ଯାଗ ଯଜ୍ଞ ହେଲେ ତାଙ୍କୁ ସମସ୍ତେ ନିମନ୍ତ୍ରଣ କଲେ ।



Digitized by :- Deb's Library Corner, Tambahara

ଦୁର୍ବାସା ଇନ୍ଦ୍ରଙ୍କୁ ଶାପ ଦେଲେ

ଇନ୍ଦ୍ର ସ୍ୱର୍ଗର ରାଜା । ଦେବତାମାନେ ତାଙ୍କୁ ପୂଜା କରନ୍ତି । ତାଙ୍କର ଅସ୍ତ୍ର ବଜ୍ର, ତାଙ୍କର ବାହନ ଐରାବତ ହାତୀ, ତାଙ୍କ ଜଆସ ଅମରାବତୀ, ତାଙ୍କ ବଗିଚ୍ଚ ନାଁ ନନ୍ଦନବନ । ଏହିପରି ସ୍ୱର୍ଗରାଜ୍ୟକୁ ଛାଡ଼ି ସେ କେବେ କେବେ ପୃଥିବୀକୁ ବୁଲି ଆସନ୍ତି । ତାଙ୍କ ସଙ୍ଗରେ ଦେବତାମାନେ ମଧ୍ୟ ଆସନ୍ତି ।

ଦୁର୍ବାସା ଦିନେ ଶିଷ୍ୟମାନଙ୍କୁ ସାଙ୍ଗରେ ଧରି ଏକ ବଣରେ ବୁଲୁ ବୁଲୁ ଆଗରେ ଇନ୍ଦ୍ରଙ୍କୁ ଐରାବତ ହାତୀ ଉପରେ ବସି ଆସୁ-ଥିବାର ଦେଖିଲେ । ସେତେବେଳକୁ ଦୁର୍ବାସା ସେହି ବଣରେ ବୁଲୁଥିବା ଏକ ଅପ୍‌ସରୀ ପାଖରୁ ପାରିଜାତ ଫୁଲମାଳଟିଏ ମାଗି ଆଣି ବେକରେ ପକାଇଥିଲେ । ମାଳାଟି ବଡ଼ ସୁନ୍ଦର ହୋଇଥିଲା, ବାସରେ ମହକୁଥିଲା । ସେପରି ଫୁଲ ପୃଥିବୀରେ ଫୁଟେ ନାହିଁ, ତାହା ସ୍ୱର୍ଗରେ ଥାଏ ।

ଦୁର୍ବାସା ଆଗରେ ଦେବରାଜ ଇନ୍ଦ୍ରଙ୍କୁ ଦେଖି ଭାବିଲେ, "ଇନ୍ଦ୍ରଙ୍କୁ ଏହି ମାଳଟି ଦେଲେ ଭଲ ହେବ । ତାଙ୍କ ରାଜ୍ୟ ଫୁଲ ଦେଖି ସେ ଖୁସି ହେବେ ।" ଏହା ଭାବି ସେ ଇନ୍ଦ୍ରଙ୍କ ପାଖକୁ ଗଲେ । ଇନ୍ଦ୍ର ତ ହାତୀଉପରେ ବସିଥିଲେ, ଦୁର୍ବାସା ଫୁଲମାଳଟି ବଢ଼ାଇ ଦେବାରୁ ସେ ନେଇ ହାତୀର ମୁଣ୍ଡ ଉପରେ ଥୋଇଦେଲେ । ହାତୀ ସେହି ମାଳଟିକୁ ଥୋଡ଼ରେ ଆଣି ତଳେ ପକାଇଦେଲା । ଏହା ଦେଖି ରାଗରେ ଦୁର୍ବାସାଙ୍କ ଚିତ୍ତ ତାତିକୁ ଚଢ଼ିଗଲା । କାଆଁ

ଜଳନ୍ତା ପରି ଅଖି ଜକ୍ ଜକ୍ ହୋଇ ଉଠିଲା । ତାଙ୍କ ରାଗ ଦେଖି ଶିଷ୍ୟମାନେ ଭସ୍ତ କରିଗଲେ । ସେ ରାଗରେ ଥରି ଥରି କହିଲେ, "ଇନ୍ଦ୍ର, ତୁମେ କଣ ଜାଣି ନାହିଁ ମୁଁ ଦୁର୍ବାସା ବୋଲି ? ମୋ ଉପହାର ଫୁଲକୁ ତୁମେ ମୋ ଆଗରେ ତଳେ ପକାଇ ଦେଇ ମୋତେ ଅପମାନ ଦେଲ । ମନେ ରଖ, ଆଜିଠାରୁ ତୁମର ଶିରୀ ତୁଟିଯିବ । ଲକ୍ଷ୍ମୀ ଆଉ ସ୍ୱର୍ଗରାଜ୍ୟରେ ରହିବେ ନାହିଁ । ତୁମେ ସ୍ୱର୍ଗର ରାଜା ବୋଲି ଗର୍ବ କରି ଋଷିମାନଙ୍କୁ ଖାତିରି କରୁ ନାହିଁ । ତୁମର ଏ ଠିକ୍ ଦଣ୍ଡ ।"

ଦୁର୍ବାସାଙ୍କ ଶାପ; ଏଥିରେ କାହାର ଭସ୍ତ ନ ହେବ ? ଏ ଶାପ ଶୁଣି ଇନ୍ଦ୍ରଙ୍କ ବୁଦ୍ଧି ଥରିଲା । ତାଙ୍କର ସବୁ ଗର୍ବ ଭାଙ୍ଗିଗଲା । ସେ ଋଷିଙ୍କ ଗୋଡତଳେ ପଡ଼ି କାକୁତିମିନତି ହୋଇ ଜଣାଇଲେ । ମାତ୍ର କହିବା କଥାକୁ ଫେରାଇ ନେବା, କ୍ଷମା ଦେବା ଦୁର୍ବାସାଙ୍କ କୋଷ୍ଠୀରେ ନାହିଁ । ସେ ଯାହା କହନ୍ତି, ତାହା ନିଶ୍ଚୟ ହୁଏ । ଇନ୍ଦ୍ରଙ୍କ ପ୍ରାର୍ଥନା ଶୁଣି ସେ ତାଙ୍କୁ ଅହୁରି ଗାଳି ଦେଲେ, ଅହୁରି ରାଗିଯାଇ ଶିଷ୍ୟମାନଙ୍କୁ ଧରି ବାହାରିଗଲେ ।

ଇନ୍ଦ୍ର କାନମୁଣ୍ଡା ଆଉଁସି ସ୍ୱର୍ଗକୁ ଫେରିଲେ । ଦେଖିଲେ, ସ୍ୱର୍ଗର ସବୁ ଶିରୀ ତୁଟି ଯାଇଛି । ସ୍ୱର୍ଗ ଆଉ ଆଗପରି ନାହିଁ, ଲକ୍ଷ୍ମୀ ଠାକୁରାଣୀ ସ୍ୱର୍ଗ ଛାଡ଼ି ଚାଲି ଯାଇଛନ୍ତି । ଦୁର୍ବାସାଙ୍କ ଶାପରେ ଇନ୍ଦ୍ରଙ୍କୁ ବହୁତ ଦୁଃଖ ଭୋଗିବାକୁ ପଡ଼ିଲା । ଲକ୍ଷ୍ମୀ ସ୍ୱର୍ଗରୁ ଯାଇ ସମୁଦ୍ର ଭିତରେ ରହିଲେ । ଯେତେବେଳେ ଦେବତା, ଆଉ ଅସୁରମାନେ ମିଳି ସମୁଦ୍ରମନ୍ଥନ କଲେ, ସେତେବେଳେ ସେ ସେ ଭିତରୁ ବାହାରି ସ୍ୱର୍ଗକୁ ଆସିଲେ । ଦୁର୍ବାସାଙ୍କ ଶାପ ସେତେବେଳେ କଟିଲା ।

ଏ ମଧ୍ୟରେ ଦୁର୍ବାସା ଆଉ ଗୋଟିଏ ବଡ଼ କାର୍ଯ୍ୟ କଲେ । ସେତେବେଳେ ଆମ ଏ ଭାରତବର୍ଷରେ ଶ୍ୱେତକୀ ବୋଲି ଜଣେ ବଡ଼ ରଜା ଥିଲେ । ସେ ବ୍ରାହ୍ମଣମାନଙ୍କୁ ଡ଼ାକି ଏକ ଯଜ୍ଞ କରାଇଲେ । ମାତ୍ର ସେତେଡ଼ ବଡ଼ ଯଜ୍ଞ କରିବାକୁ ବ୍ରାହ୍ମଣମାନେ ସାହସ ନ କରିବାରୁ ରଜା ଯାଇ ମହାଦେବଙ୍କ ପାଖେ ଅଧିଆ ପଡ଼ିଲେ । ଦୁର୍ବାସା ତ ମହାଦେବଙ୍କ ଅଂଶରୁ ଜାତ, ମହାଦେବ ତାଙ୍କୁ ଡାକି କହିଲେ, "ତୁମେ ଯାଅ, ଶିଷ୍ୟମାନଙ୍କୁ ସଙ୍ଗରେ ନିଅ । ଶ୍ୱେତକୀ ରଜାଙ୍କ ଯଜ୍ଞ ଶେଷ କର ।"

ଦୁର୍ବାସା ଦଶହଜାର ଶିଷ୍ୟଙ୍କୁ ଧରି ସେହି ଯଜ୍ଞକୁ ଶହେ ବର୍ଷରେ ଶେଷ କଲେ । ଏଥିରୁ ଜଣା ପଡ଼ୁଛି, ସେ ଯଜ୍ଞ କେତେଡ଼େ ବଡ଼ ଯଜ୍ଞ । ଅଗ୍ନି ଦେବତା ସେହି ଯଜ୍ଞରେ ଘିଅ ପିଇ ପିଇ ଅଜୀର୍ଣ୍ଣିଆ ହୋଇଗଲେ । ତାଙ୍କର ଖାଇବା ଶକ୍ତି କମି ଯାଇ ଅଗ୍ନିମାନ୍ଦ୍ୟ ରୋଗ ହୋଇଥିଲା ବୋଲି ପୁରାଣରେ ଲେଖା ଅଛି ।

Digitized by :- Deb's Library Corner, Tambahara

ମୁଦ୍‌ଗଲ ଋଷିଙ୍କ ଦାତାପଣିଆ

ଦୁର୍ବାସା ବଡ଼ ଗୁଣ ଚହ୍ନିବା ଋଷି ଥିଲେ । ପରର ଭଲ ଗୁଣ ଦେଖିଲେ ସେ ପ୍ରଶଂସା କରୁଥିଲେ, ବର ମଧ୍ୟ ଦେଉଥିଲେ । ସେ ଯାହା ପାଖକୁ ଯାଉଥିଲେ ତାର ଭଲ ମନ୍ଦ ଗୁଣ ବାଛିବା ପାଇଁ ବଡ଼ କଠୋର ପରୀକ୍ଷା କରୁଥିଲେ । ସେଥିପାଇଁ ତାଙ୍କ ପାଖେ ଯୋଗୀ ଋଷି ସାଧୁ ସନ୍ନ୍ୟାସୀମାନେ ବଡ଼ ସତର୍କରେ ଚଳୁଥାନ୍ତି ।

କୁରୁ ପାଣ୍ଡବମାନଙ୍କର ଯେଉଁ କୁରୁକ୍ଷେତ୍ର ଭୂଇଁରେ ଯୁଦ୍ଧ ହୋଇଥିଲା ସେଠାରେ ମୁଦ୍‌ଗଲ ବୋଲି ଜଣେ ତ୍ୟାଗୀ ପୁରୁଷ ଥିଲେ । ସେ ଅନେକ ବର୍ଷ ତପସ୍ୟା କରି ସଂସାରର ସୁଖ ଦୁଃଖକୁ ଜିଣିଥିଲେ । ପରର ଉପକାର କରିବା ତାଙ୍କର ବ୍ରତ ଥିଲା । ରାଗ, ହିଂସା, ଶୋକକୁ ସେ ମନରୁ ପୋଛି ଦେଇଥିଲେ । ଅତିଥିମାନଙ୍କ ସେବା କରିବା ସେ ପ୍ରଧାନ ଧର୍ମ ବୋଲି ମନେ କରୁଥିଲେ । ସେ ପ୍ରତିଦିନ କାବତା ପକ୍ଷୀ ଧାନ ଟୁଙ୍କିଲା ପରି ବାଟ ଘାଟରେ ପଡ଼ିଥିବା ଗୋଟିଏ ଗୋଟିଏ ଧାନ ଗୋଟାନ୍ତି । ଏହିପରି ପନ୍ଦର ଦିନ ଗୋଟାଇ ଯାହା ହୁଏ, ସେଥିରେ ସେ ଅତିଥିସେବା କରନ୍ତି, ଯାହା ବଳେ ଆଉ ପନ୍ଦର ଦିନକୁ ନିଜେ ଖାଇ ଚଳନ୍ତି । ନ ବଳିଲେ ମନ ଆମୋଦରେ ବସି ଯୋଗ ସାଧୁଥାନ୍ତି, ଭଗବାନଙ୍କ ଗୁଣକୀର୍ତ୍ତନ କରୁଥାନ୍ତି ।

ମୁଦ୍‌ଗଲ ଋଷିଙ୍କର ଏ ଅତିଥିସେବା କଥା ଶୁଣି ଦୁର୍ବାସା ଦିନେ ଯାଇ ତାଙ୍କ ଆଶ୍ରମ ଦୁଆରେ ପହଞ୍ଚିଲେ । ଦୁର୍ବାସାଙ୍କୁ ଦେଖି ମୁଦ୍‌ଗଲ

ଭାରି ଆଗ୍ରହରେ ତାଙ୍କର ସେବା କଲେ । ଯାହା ଗୋଟାଇ ଆଣିଥିଲେ ସବୁ ଖାଇବାକୁ ଦେଲେ । ଦୁର୍ବାସା ତ ତାଙ୍କର ଦାତାପଣିଆ ପରୀକ୍ଷା କରିବାକୁ ଯାଇଛନ୍ତି; ଆଶ୍ରମରେ ଯାହା ଥିଲା ସବୁତକ ଖାଇ ଦେଇ ଚାଲି ଆସିଲେ, ଋଷିଙ୍କର ପୁଅ ଓ ସ୍ତ୍ରୀ ଉପାସ ରହିଲେ । ପୁଣି ସେ ଭିକ୍ଷା କରିଗଲେ, ଧାନ ଗୋଟାଇଲେ । ଠିକ୍ ପୁଣି ପନ୍ଦରଦିନ ଦିନ ଦୁର୍ବାସା ଆସି ଦୁଆରେ ହାଜର୍ । ସେଥର ଯାହା ଥିଲା ସବୁ ଖାଇ ଦେଇ ପୁଣି ସେ ଚାଲିଗଲେ । ଏହିପରି ଭାବରେ ମୁଦ୍‌ଗଲ ଋଷିଙ୍କ ଆଶ୍ରମରେ ଦୁର୍ବାସା ଛଅଥର ଅତିଥି ହେଲେ, ଛଅଥରଯାକ ଆଶ୍ରମର ସମସ୍ତଙ୍କୁ ଉପାସ ରଖାଇ ସବୁ ଖାଇଦେଲେ । ଖାଲି ସେ ଖାଇ ସାରି ଯାଆନ୍ତି ନାହିଁ, ଖାଇ ସାରିଲା ପରେ ଯାହା କିଛି ବଳି ପଡେ, ସେତକ ଦେହରେ ମୁଣ୍ଡରେ ବୋଳିଦେଇ ଚାଲିଯାନ୍ତି । ତାଙ୍କର ଏସବୁ କଥା ଦେଖି ମୁଦ୍‌ଗଲ ଟିକିଏ ହେଲେ ବିରକ୍ତ ହୁଅନ୍ତି ନାହିଁ । ସେହିପରି ମନ ଖୁସିରେ ଅତିଥିଙ୍କ ସେବା କରୁଥାନ୍ତି । ଏହିପରି କେତେ ଦିନ ମଧ୍ୟରେ ଦୁର୍ବାସା ମୁଦ୍‌ଗଲ ଋଷିଙ୍କର ମହତ୍ତ୍ୱ ବୁଝିପାରି ତାଙ୍କୁ ପ୍ରଶଂସା କଲେ । ତାଙ୍କ ଅତିଥି ସେବାରେ ସେ ଅଦୌ ଦୋଷ ଦେଖିଲେ ନାହିଁ । ତାଙ୍କୁ ସେ ଆଶୀର୍ବାଦ କରି କହିଲେ—"ପୁଣ୍ୟବଳରେ ତୁମେ ସ୍ୱଦେହରେ ସ୍ୱର୍ଗକୁ ଯାଇ ପାରିବ ।"

ଦୁର୍ବାସାଙ୍କ ବରରେ ମୁଦ୍‌ଗଲ ଋଷିଙ୍କୁ ସ୍ୱର୍ଗକୁ ନେବା ପାଇଁ ଦେବତାମାନେ ରଥ ପଠାଇଲେ । ମାତ୍ର ମୁଦ୍‌ଗଲ ସ୍ୱର୍ଗକୁ ଯିବାକୁ ମନ କଲେ ନାହିଁ । ସେ ବୁଝିଲେ ଯେ, ସ୍ୱର୍ଗରେ ମଧ୍ୟ ବେଳେ ବେଳେ ଦୁଃଖ ମିଳେ । ତେଣୁ ସେ ସେଠାରେ ଆହୁରି କେତେ ଯୁଗ ତପସ୍ୟା କରି ଶେଷରେ ଭଗବାନଙ୍କ ସଙ୍ଗେ ମିଶିଗଲେ ।

ଔର୍ବଋଷିଙ୍କ ଅଭିଶାପ ଫଳଲା

ଯେ ନିଜଗୁଣର ବଡ଼ାଇ କରି କାହାକୁ ଖାତର କରେ ନାହିଁ, ଭଗବାନ୍ ତା ଗର୍ବ ଭାଙ୍ଗନ୍ତି । ଗର୍ବ କଲେ ଦେବତା, ଯୋଗୀ ଋଷିମାନେ ମଧ୍ୟ ଦଣ୍ଡ ପାନ୍ତି । ଦୁର୍ବାସା ରାଗରେ କନ୍ଦଳୀଙ୍କୁ ଭସ୍ମ କରି ଦେଇ-ଥିବାରୁ ଶଶୁର ଔର୍ବ ତାଙ୍କୁ ଅଭିଶାପ ଦେଇଥିଲେ, "ତୋ ଗର୍ବ ଖର୍ବ ହେବ ।" ତାଙ୍କ ଅଭିଶାପ ଅଜଯାଏ ଫଳି ନ ଥିଲା ।

ଦିନେ ଦୁର୍ବାସା ଯାଇ ଅଯୋଧ୍ୟାରେ ଅମ୍ବରୀଷ ମହାରାଜାଙ୍କ ପାଖେ ପହଞ୍ଚିଲେ । ସେଦିନ କାର୍ତ୍ତିକ ମାସର ଦ୍ୱାଦଶୀ ତିଥି—ମହାରାଜାଙ୍କ ଏକାଦଶୀ ବ୍ରତର ଉଜୁଆଁ ଦିନ । ମହାରାଜାଙ୍କ ନଅରରେ ଉତ୍ସବ ଲାଗିଥିଲା; ବ୍ରାହ୍ମଣ, ଅତିଥି, ଅଭ୍ୟାଗତମାନେ ଖିଆପିଆ କରୁଥିଲେ । ଦୁର୍ବାସାଙ୍କୁ ଦେଖି ଅମ୍ବରୀଷ ଭାରି ଆଦର କଲେ, କୁଶଳ ସମାଚାର ପଚାରିଲେ, ବସିବାକୁ ଆସନ ଦେଲେ ଏବଂ କର ଯୋଡ଼ି କହିଲେ, "ଆଜି ଏଠାରେ ଭୋଜନ ହେଉ ।"

ଦୁର୍ବାସା ତ ମହାରାଜାଙ୍କ ଅତିଥିସେବା କଥା ଶୁଣି ତାଙ୍କୁ ପରୀକ୍ଷା କରିବାକୁ ଆସିଥିଲେ; କହିଲେ, "ହଉ, ମୁଁ ନଈରେ ଗାଧୋଇ କରି ଆସୁଛି ।"

ଘଡ଼ିଏ ଗଲା, ଦୁଇଘଡ଼ି ଗଲା, ପହରେ ଗଲା, ମହାରାଜା ଏଣେ ଉପାସରେ ରହିଁ ବସିଛନ୍ତି, ଦୁର୍ବାସା ଗାଧୋଇ କରି ଫେରିଲେ ନାହିଁ । ଏଣେ ଦ୍ୱାଦଶୀ ଲଗ୍ନ ଗଡଗଲେ ମହାରାଜାଙ୍କର ବ୍ରତଫଳ

ନଷ୍ଟ ହୋଇଯିବ । ତହୁଁ ସେ ତାଙ୍କୁ ଅପେକ୍ଷା ନ କରି ଦୋଷ କଟାଇବାପାଇଁ ପାଣି ଟୋପାଏ ପାଟିରେ ଦେଲେ । ଦୁର୍ବାସା ତ ଅମ୍ବରୀଷଙ୍କ ଦୋଷ ଖୋଜି ପାଉ ନ ଥିଲେ; ଆସି କରି ସେତେବେଳେ ଜାଣିଲେ ଯେ, ସେ ଅତିଥିଙ୍କୁ ଖାଇବାକୁ ନ ଦେଇ ପାଣି ପିଇ ଦେଇଛନ୍ତି, ତହୁଁ ସେ ରାଗରେ ପାଟିଗଲେ । ସେ ତ ଯାହା କହିଦେବେ ତାହା ହେବ; ରାଗି କରି ନିଜ ମୁଣ୍ଡରୁ ଏକ ଜଟା ଛିଣ୍ଡାଇ ତଳକୁ ପକାଇ ଦେବାରୁ ସେଥିରୁ ଏକ ଦେବତା ବାହାରିଲେ । ଦୁର୍ବାସା ତାଙ୍କୁ ଆଦେଶ ଦେଲେ, "ଯାଅ, ଅମ୍ବରୀଷଙ୍କ ମୁଣ୍ଡ ଛିଣ୍ଡାଇ ଦିଅ ।"

ମାତ୍ର ଅମ୍ବରୀଷ ସାମାନ୍ୟ ଲୋକ ନୁହନ୍ତି । ସେ ଭାରି ବିଷ୍ଣୁ-ଭକ୍ତ । ବିଷ୍ଣୁ ନିଜେ ଭକ୍ତଙ୍କୁ ଦୁର୍ବାସାଙ୍କ ରାଗରୁ ରକ୍ଷା କରିବା ପାଇଁ ନିଜର ସୁଦର୍ଶନ ଚକ୍ରକୁ ପଠାଇଦେଲେ । ଚକ୍ରଟା ଅମ୍ବରୀଷଙ୍କ ପାଖରୁ ବାହାରି ପ୍ରଥମେ ସେହି ଦେବତାଙ୍କୁ ଭସ୍ମ କରି ଦେଇ ଦୁର୍ବାସାଙ୍କୁ ପୋଡ଼ିଦେବ ବୋଲି ତାଙ୍କ ଆଡ଼କୁ ଧାଇଁଲା । ଦୁର୍ବାସା ମହା ବିପଦରେ ପଡ଼ିଲେ । ଆଉ କିଛି ଉପାୟ ନ ଦେଖି ପ୍ରାଣ-ଭୟରେ ସେଠାରୁ ଧାଇଁଲେ । ଧାଇଁଲେ କି ସୁଦର୍ଶନ ଚକ୍ର ଛାଡ଼ୁଛି, ସେ ମଧ୍ୟ ପଛେ ପଛେ ଧାଇଁଲା । ଦୁର୍ବାସା ପଛକୁ ଚାହିଁ ପ୍ରାଣଭୟରେ ଲସରପସର ହୋଇ ଧାଇଁଥାନ୍ତି । ଏହିପରି ଧାଇଁ ଧାଇଁ ତିନି ଭୁବନର ବାଟ ସରିଲା, ତେବେବେକେ ହେଲେ ସୁଦର୍ଶନ ଚକ୍ର ରହିଲା ନାହିଁ । ଦୁର୍ବାସା ଋଷି ଭୟରେ ଧାଇଁବାର ଯେ ଦେଖିଲା, ସେ ହସିଲା । ବୁଢ଼ା ଋଷି, ମୁଣ୍ଡର ଜଟା ମୁକୁଳା ହୋଇ ପଡ଼ିଛି, ଦଣ୍ଡକମଣ୍ଡଳୁ ହାତରୁ କୁଆଡ଼େ ଖସି ପଡ଼ିଲାଣି, ତାଙ୍କର ଦଉଡ଼ ଦେଖିଲେ ହସିବାର କଥା । ତିନି ପୁରରେ ତାଙ୍କୁ କେହି ରକ୍ଷା କରି ପାରିଲେ ନାହିଁ । ଶିବ କହିଲେ—ବ୍ରହ୍ମାଙ୍କ ପାଖକୁ ଯାଅ; ବ୍ରହ୍ମା କହିଲେ—ବିଷ୍ଣୁଙ୍କ ପାଖକୁ

ଯାଅ । ବିଷ୍ଣୁ କହିଲେ, "ମୁଁ କଣ କରିବି ? ଅମ୍ବରୀଷଙ୍କୁ ତୁମେ ଅନ୍ୟାୟରେ ମାରି ଦେବାକୁ ଯାଉଥିଲ । ସେ ନ ବଞ୍ଚାଇଲେ ତୁମ ଜୀବନ ମୁଁ ରଖି ପାରିବି ନାହିଁ । ସେ ଯଦି କହିବେ ତେବେ ସୁଦର୍ଶନ ସ୍ଥିର ହୋଇ ରହିବ ।"

ଦୁର୍ବାସାଙ୍କର ବୁଦ୍ଧି ହଜିଗଲା । ଭାବିଲେ, "କାହିଁକି ରାଗି କରି ଏତେ ଅନ୍ୟାୟ କରି ବସିଲି ? ଯାହାଙ୍କୁ ଧମକାଉ ଥିଲି, ତାଙ୍କ ଗୋଡ଼ତଳେ ଏବେ ପଡିବାକୁ ଭାଗ୍ୟରେ ଲେଖା ଅଛି ?" କିନ୍ତୁ ନ ମାଡିଲେ ରକ୍ଷା ନାହିଁ । ତହୁଁ ସେ ମୁହଁଟି ଶୁଖାଇ ଅମ୍ବରୀଷଙ୍କ ପାଖେ କାନ୍ଦି କାନ୍ଦି କ୍ଷମା ପ୍ରାର୍ଥନା କଲେ ।

ଦୁର୍ବାସାଙ୍କ କାନ୍ଦ ଦେଖି ଅମ୍ବରୀଷ ମହାରାଜା ସୁଦର୍ଶନ ଚକ୍ରକୁ ବନ୍ଦ କରାଇ ଦେଲେ । ଦୁର୍ବାସା ସେଦିନ ସେଠି ଖାଇ ପିଇ ଆଶ୍ରମକୁ ଫେରିଲେ । ଔର୍ବ ଋଷିଙ୍କ ଅଭିଶାପ ଏତେଦିନ ପରେ ଫଳିଲା, ଦୁର୍ବାସାଙ୍କ ଗର୍ବ ଖର୍ବ ହେଲା ।

Digitized by :- Deb's Library Corner,Tambahara

ଶକୁନ୍ତଳାଙ୍କୁ ଶାପ ଦେଲେ

ଅମ୍ବରୀଷଙ୍କ ପାଖେ ଅପମାନ ପାଇ ମଧ୍ୟ ଦୁର୍ବାସାଙ୍କର ସେହି କ୍ରୋଧ ପ୍ରକୃତି ଗଲା ନାହିଁ । ସେହି ସମୟରେ ମାଲିନୀ ନଦୀ କୂଳରେ କଣ୍ୱ ମହର୍ଷିଙ୍କର ଆଶ୍ରମ ଥିଲା । ଶକୁନ୍ତଳା ବୋଲି ଗୋଟିଏ ଅପସରୀର ଝିଅକୁ କଣ୍ୱ ପାଳିଥିଲେ । ଅଯୋଧ୍ୟାର ମହାରାଜା ଦୁଷ୍ମନ୍ତ ଦିନେ ସେଠାକୁ ଆସି କଣ୍ୱଋଷି ନ ଥିବା ସମୟରେ ଶକୁନ୍ତଳାଙ୍କୁ ବିଭା ହୋଇ ଯାଇଥିଲେ । ଶକୁନ୍ତଳା ଆଶ୍ରମରେ ଥାଇ ଅତିଥି-ସେବା ଓ ଦିଅଁ ପୂଜା କରୁଥାନ୍ତି । ସେହି ସମୟରେ ଦିନେ ଦୁର୍ବାସା ଯାଇ ସେ ଆଶ୍ରମରେ ପହଞ୍ଚିଲେ । କଣ୍ୱ ତ ନ ଥିଲେ, କେବଳ ଶକୁନ୍ତଳା ଏକୁଟିଆଟି ବସି ସ୍ୱାମୀଙ୍କ କଥା ଭାବୁ ଥିଲେ* । ତାଙ୍କର ଆଉ କୁଆଡ଼େ ଆଖି ନ ଥିଲା । ଦୁର୍ବାସା ପହଞ୍ଚି ଦେଖିଲେ, ଶକୁନ୍ତଳା ବସିଛି, ତାଙ୍କୁ ଦେଖି ବାଟରୁ ଡାକି ନେଉ ନାହିଁ । ତହୁଁ ସେ ରାଗି କରି ଶାପ ଦେଲେ, "ତୁ ଯାହା କଥା ଭାବୁଛୁ ତୋତେ ସେ ଚିହ୍ନିବ ନାହିଁ ।" ପାଟି ଶୁଣି ଶକୁନ୍ତଳା ଚମକି ପଡ଼ି ଚାହିଁଲେ, ଦୁର୍ବାସା ତାଙ୍କୁ ଶାପ ଦେଇ ଫେରି ଯାଉଛନ୍ତି । ସେ ସଙ୍ଗେ ସଙ୍ଗେ ଆସି ଋଷିଙ୍କ ଗୋଡ଼ତଳେ ପଡ଼ି ହାତ ଯୋଡ଼ି କହିଲେ, "ମତେ କ୍ଷମା ଦିଅ ।" ଋଷିକନ୍ୟାଙ୍କର ବିକଳ ଦେଖି ଦୁର୍ବାସାଙ୍କର ଟିକିଏ ଦୟା ହେଲା । ସେ କହିଲେ, "ତୋର କିଛି ପରିଚୟ ପାଇଲେ ତୋତେ ସେ ଚିହ୍ନିବେ ।" ଏହା କହି ସେ ଚାଲିଗଲେ । ଅନେକ ଦିନ ପରେ ଶକୁନ୍ତଳାଙ୍କ ଶାପ କଟି ଥିଲା ।

* ବହିର ମଲାଟ ଉପର ଛବି ଦେଖ ।

ଅଯୋଧ୍ୟାରେ ଦୁର୍ବାସା

ଦୁର୍ବାସା କେତେ ଯୁଗ ବଞ୍ଚିଥିଲେ କିଏ କହିବ ? ସେ ବରାବର ସ୍ୱର୍ଗ ମର୍ତ୍ତ୍ୟ ପାତାଳ ବୁଲୁଥିଲେ, ତାଙ୍କ କଥାରେ ବା କାର୍ଯ୍ୟରେ ଟିକିଏ ବାଧା ପଡ଼ିଲେ ଧନ ଜନ ରାଜ୍ୟ ପୋଡ଼ି ଦେବାକୁ ବାହାରୁଥିଲେ ।

ଥରେ ସେ ଯାଇ ଅଯୋଧ୍ୟାରେ ପହଞ୍ଚିଲେ । ସେତେବେଳକୁ ରାମଚନ୍ଦ୍ର ସେଠାରେ ମହାରାଜା ଥାନ୍ତି । ସେ ସିଂହଦ୍ୱାରରେ ଯାଇ ପହଞ୍ଚିଲା ବେଳକୁ ରାମଚନ୍ଦ୍ର କାଳପୁରୁଷ ସଙ୍ଗେ ଘରେ କଥା ହେଉଥିଲେ । ତାଙ୍କ ଘରକୁ କେହି ନ ଯିବା ପାଇଁ ଲକ୍ଷ୍ମଣ ଦ୍ୱାର ଜଗି ବସିଥିଲେ । କଥା ହୋଇଥିଲା ଯେ, ରାମଚନ୍ଦ୍ର କାଳ ପୁରୁଷ ସଙ୍ଗେ ଥିଲା ବେଳେ ସେ ଘରକୁ ଯିଏ ଯିବ ସିଏ ପ୍ରାଣ ହରାଇବ । ଦୁର୍ବାସା ରାମଚନ୍ଦ୍ରଙ୍କ ସଙ୍ଗେ ଦେଖା କରିବାକୁ କହିବାରୁ ଲକ୍ଷ୍ମଣ ତାଙ୍କୁ ପ୍ରାର୍ଥନା କରି କହିଲେ, "ଟିକିଏ ଅପେକ୍ଷା କରନ୍ତୁ ।"

ଦୁର୍ବାସା ତ ଅପେକ୍ଷା କରିବା ଲୋକ ନୁହନ୍ତି । ଏତିକରେ ସେ ରାଗି ଯାଇ କହିଲେ, "ଅପେକ୍ଷା କରିବି ? ଯଦି ଏହିକ୍ଷଣି ରାମଚନ୍ଦ୍ର ନ ଆସନ୍ତି ତାହାହେଲେ ଶାପ ଦେଇ ଅଯୋଧ୍ୟାଟାକୁ ଭସ୍ମ କରି ଦେବି ।"

ଲକ୍ଷ୍ମଣଙ୍କ ମନରେ ଭୟ ହେଲା, ଋଷି କାଳେ ଅଯୋଧ୍ୟାକୁ ପୋଡ଼ି ଦେବେ । "ନିଜେ ପଛକେ ପ୍ରାଣ ହରାଇବି, କିନ୍ତୁ ଅଯୋଧ୍ୟାର

କିଛି କ୍ଷତ ନ ହେଉ,'' ଏହା ବିଚାରି ସେ ରାମଚନ୍ଦ୍ର ଓ କାଳ ପୁରୁଷ ଥିବା ଘରକୁ ଯାଇ ଦୁର୍ବାସା ଆସିବା କଥା କହିଲେ । ଦୁର୍ବାସାଙ୍କ ସହିତ ରାମଚନ୍ଦ୍ର ଦେଖା କଲେ, ମାତ୍ର ସତ୍ୟ ଅନୁସାରେ ଲକ୍ଷ୍ମଣ ଯାଇ ସରଯୂ ନଈକୁ ଡେଇଁ ପ୍ରାଣ ହରାଇଲେ । ପ୍ରିୟ ଭାଇ ଲକ୍ଷ୍ମଣ ସଂସାରରୁ ଚାଲି ଯିବାରୁ ରାମଚନ୍ଦ୍ରଙ୍କର ସଂସାରରେ ଆଉ ମନ ରହିଲା ନାହିଁ । ସେ ମଧ୍ୟ ସେହିପରି ସରଯୂ ନଈରେ ପ୍ରାଣ ହରାଇଲେ । ତାଙ୍କ ପଛେ ପଛେ ଭରତ ଶତ୍ରୁଘ୍ନ ଦୁଇ ଭାଇ ମଧ୍ୟ ଦେହ ଛାଡିଲେ । ଲୋକେ ସମସ୍ତେ ଜାଣିଲେ, ଦୁର୍ବାସାଙ୍କ ଯୋଗୁଁ ଏତେ କଥା ହେଲା; ହେଲେ, ତାଙ୍କୁ ମୁହଁ ଫିଟାଇ କିଏ ହେଲେ କିଛି କହିଲେ ନାହିଁ । କହିଲେ ସର୍ବନାଶ ହେବା କଥା । ମାତ୍ର ରାମଚନ୍ଦ୍ର ଦେହ ଛାଡ଼ି ସ୍ୱର୍ଗକୁ ଯିବା ଦରକାର ପଡ଼ିବାରୁ କାଳପୁରୁଷ ଆସି ଏହି ସବୁ ଯୋଗାଡ଼ କରିଥିଲା । ସେହି ସମୟକୁ ଦୁର୍ବାସା ଯାଇ ପହଞ୍ଚିଥିଲେ ।

Digitized by :- Deb's Library Corner,Tambahara

କୁନ୍ତୀ ବର ପାଇଲେ

କୁନ୍ତୀଭୋଜ ମହାରାଜା ବଡ଼ ଧାର୍ମିକ । ତାଙ୍କର ପୁଅଝିଅ କିଛି ନ ଥିଲେ । ଯଦୁ ବଂଶର ରାଜା ସୁରସେନଙ୍କଠାରୁ ଗୋଟିଏ ଝିଅ ଆଣି ସେ ପାଳିଥିଲେ । ସେହି ଝିଅଟି ନାଁ କୁନ୍ତୀ ।

ଦିନେ ଦୁର୍ବାସା ଦଶହଜାର ଶିଷ୍ୟ ସଙ୍ଗରେ ନେଇ କୁନ୍ତୀଭୋଜ-ମହାରାଜାଙ୍କ ଘରେ ଯାଇ ପହଞ୍ଚିଲେ । ମହାରାଜାଙ୍କୁ ଡାକାଇ କହିଲେ, "ତମ ଘରେ ଆମେ କେତେଦିନ ରହିବୁ । ଆମକୁ ତମେ କିଛି କହିବ ନାହିଁ । ଆମ ଇଚ୍ଛା ଅନୁସାରେ ଆମେ କାର୍ଯ୍ୟ କରିବୁ ।" ଦୁର୍ବାସାଙ୍କ କଥାକୁ ନାହିଁ କରିବାକୁ କୁନ୍ତୀଭୋଜଙ୍କର ସାହସ ହେଲା ନାହିଁ । ସେ ବାଧ ହୋଇ ଗୁରୁଶିଷ୍ୟ ସମସ୍ତଙ୍କୁ ଘରେ ରଖିଲେ । ସେମାନଙ୍କର ସେବା କରିବା ପାଇଁ, ଖାଇବାପିଇବା କଥା ବୁଝିବା ପାଇଁ, ବାଳିକା କୁନ୍ତୀଙ୍କ ଉପରେ ଭାର ରହିଲା । କୁନ୍ତୀ ଯେପରି ସୁନ୍ଦରୀ ସେପରି ଗୁଣବତୀ । ଦେବତା ଋଷି ବ୍ରାହ୍ମଣଙ୍କୁ ସେବା କରିବାରେ ତାଙ୍କର ଭାରି ଇଚ୍ଛା । ସେ ଖୁବ୍ ମନ ଦେଇ ଋଷି, ଅର୍ଥାତ୍, ଋଷିଶିଷ୍ୟମାନଙ୍କ ସେବାରେ ଲାଗିଲେ। ସେମାନେ ଜାଣିକରି ତାଙ୍କୁ ଯେତେ ଅସୁବିଧାରେ ପକାଇଲେ ମଧ୍ୟ ସେ ସେଥିରେ ବିରକ୍ତ ହୁଅନ୍ତି ନାହିଁ । ଯେତେ ଅସମୟରେ ଆସିଲେ ସୁଦ୍ଧା ରାନ୍ଧିବାଢ଼ି ଖାଇବାକୁ ଦିଅନ୍ତି । ଦୁର୍ବାସା ଶିଷ୍ୟମାନଙ୍କୁ ସାଙ୍ଗରେ ଧରି କୁଆଡ଼େ ବୁଲି ଯାଆନ୍ତି ଯେ କେବେ ସନ୍ଧ୍ୟାକୁ ଫେରନ୍ତି, କେବେ ରାତି ଅଧରେ ଆସି ପହଞ୍ଚନ୍ତି, କେବେ କେବେ କେତେ ଦିନଯାଏଁ ଆଦୌ ଘରକୁ ଫେରନ୍ତି ନାହିଁ। କୁନ୍ତୀ

ତାଙ୍କ ବାଟ ଚାହିଁ ବସିଥାନ୍ତି । ସମସ୍ତେ ଆସିଗଲା ମାନେ ହସି ହସି ସବୁ ଯୋଗାଡ଼ କରି ଖାଇବାକୁ ଦିଅନ୍ତି ।

ଏହିପରି ବର୍ଷେ କାଳ ଗଲା । କୁନ୍ତୀଙ୍କ ସେବାରେ ଦୁର୍ବାସାଙ୍କର କିଛି ଅସୁବିଧା ହେଲା ନାହିଁ । ସେ କୁନ୍ତୀଙ୍କ ଉପରେ ଭାରି ଖୁସି ହୋଇ ତାଙ୍କୁ ଆଶୀର୍ବାଦ କଲେ; ଆଉ ଗୋଟିଏ ମନ୍ତ୍ର ବତାଇ ଦେଇ କହିଲେ, "ଏହି ମନ୍ତ୍ରଟି ପଢ଼ି ଯେତେବେଳେ ଯେଉଁ ଦିଅଁଙ୍କୁ ଡାକିବୁ ତୋ କଥା ମାନି ସେ ଆସି ତୋ ପାଖେ ହାଜର ହେବେ ଏବଂ ତୁ ଯାହା କହିବୁ ତାହା କରିବେ ।"

ଏହି କୁନ୍ତୀଙ୍କ ଠାରୁ ଯୁଧିଷ୍ଠିର, ଭୀମ, ଅର୍ଜୁନ ଜନ୍ମ ହୋଇ ଥିଲେ ।

Digitized by :- Deb's Library Corner, Tambahara

ଶ୍ରୀକୃଷ୍ଣଙ୍କ ଘରେ ଅତିଥି

ଦୁର୍ବାସାଙ୍କ କାର୍ଯ୍ୟ ଦେଖିଲେ ତାଙ୍କୁ ପାଗଳ ବୋଲି ନ କହି ରହି ହେବ ନାହିଁ । ସେ ଭାରି ଖାଣ୍ଟି ଋଷି ଥିଲେ । ତେଣୁ ତାଙ୍କ ନାଁ ଶୁଣି ସମସ୍ତେ ଭୟ କରୁଥିଲେ ।

ଥରେ ଦୁର୍ବାସା ଶ୍ରୀକୃଷ୍ଣଙ୍କ ଘରର ଅତିଥି ହେଲେ । ମାତ୍ର ଅତିଥି ହେବା ଆଗରୁ ସେ ଡାକବକାଇ କହିଲେ, "ସାବଧାନ, ସାବଧାନ, ମତେ ଯେ ଘରେ ରଖିବ ସେ ଜାଣିବା ଉଚିତ ଯେ ମୁଁ ଦୁର୍ବାସା ଋଷି । ମୋ କାର୍ଯ୍ୟରେ ଟିକିଏ ବାଧା ପଡ଼ିଲେ ମୁଁ ସବୁ ଶେଷ କରି ଦେବି । ଏଥିକୁ ବିଗୃରି କାର୍ଯ୍ୟ କରିବାକୁ ପଡ଼ିବ ।"

ଦୁର୍ବାସାଙ୍କର ଏ କଥା ଜାଣି ଶୁଣି ଶ୍ରୀକୃଷ୍ଣ ତାଙ୍କୁ ଘରେ ଅତିଥି କରି ରଖିଲେ । ତାଙ୍କ ଘରେ କେତେ ଦିନ ରହିଲା ପରେ ସେ ଏପରି ଉପଦ୍ରବ ଆରମ୍ଭ କଲେ ଯେ, ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସେ ସବୁବେଳେ ଶ୍ରୀକୃଷ୍ଣଙ୍କ ସହିବା ଗୁଣ ପରୀକ୍ଷା କରୁଥାନ୍ତି । କେତେବେଳେ କଣ ଖାଇବେ କେହି ଆଗରୁ ଜାଣି ପାରନ୍ତି ନାହିଁ । ସେ ହଠାତ୍ ଉଠି ଭାତ ପରି କୁଆଡ଼େ ଗୁଲିଯାନ୍ତି, ଏଣେ ଖାଇବାବେଳ ଗଡ଼ିଯାଇ ସମସ୍ତେ ଖାଇ ସାରିଲା ପରେ ଆସି ଖାଇବାକୁ ମାଗନ୍ତି । କେତେବେଳେ ହଜାରେ ଦୁଇ ହଜାର ମନୁଷ୍ୟଙ୍କ ଖାଦ୍ୟ ଏକାବେଳକେ ଖାଇ ଦିଅନ୍ତି, ତାକୁ ଗୁହିଁ ତା ଆରଦିନ ଖାଇବା ଜିନିଷ ଯୋଗାଡ଼ ହେଲେ ସେଥିରୁ କଣିକାଏ ସୁଦ୍ଧା ଛୁଅନ୍ତି ନାହିଁ । ତାଙ୍କର ସବୁ କାର୍ଯ୍ୟ ପାଇଁ ଶ୍ରୀକୃଷ୍ଣ ଗୋଡ଼େ ଗୋଡ଼େ ସତର୍କ

ଥାନ୍ତି । କେବେ କଣ ମାଗି ଦେବେ, ନ ଦେଇ ପାରିଲେ ମଥୁରା ପୋଡ଼ି ଦେବେ, ଶ୍ରୀକୃଷ୍ଣଙ୍କର ଏହି ଭୟ ଥାଏ ।

ଥରେ ଶ୍ରୀକୃଷ୍ଣ ତାଙ୍କ ଶୋଇବା ଘରେ ବସିଛନ୍ତି, ଆଉ କେତେ ସ୍ତ୍ରୀଲୋକ ସେ ଘରେ ଅଛନ୍ତି, ଏପରି ସମୟରେ ଦୁର୍ବାସା ଯାଇ ଦୁଆର ମୁହଁରେ ପହଞ୍ଚିଲେ । କେଜାଣି କାହିଁକି, ତାଙ୍କ ମନ କଣ ହେଲା, ଭାରି ବିରକ୍ତ ହୋଇ ଚୁହୁଁ ଚୁହୁଁ ସେ ଘରଟାରେ ନିଆଁ ଲଗାଇ ଦେଲେ । ସେ ନିଆଁରେ ଶ୍ରୀକୃଷ୍ଣଙ୍କ ଛଡ଼ା ସବୁ ଜିନିଷପତ୍ର ମନୁଷ୍ୟ ପୋଡ଼ି ମଲେ । ଏଣେ ସେ ଶ୍ରୀକୃଷ୍ଣଙ୍କୁ ଚାହିଁ କହିଲେ, "ମୁଁ ଖିରି ଖାଇବି, ଚଞ୍ଚଳ ଆଣ ।" କି ଦୁର୍ଯୋଗ !

ଶ୍ରୀକୃଷ୍ଣ ଚଞ୍ଚଳ ଯାଇ ଖିରି ଯୋଗାଡ଼ କରାଇଲେ । ତାତଲା ଖିରି ଆସିଲା । ଦୁର୍ବାସା ସେ ଖିରିକୁ ଅଇଁଠା କରି ଶ୍ରୀକୃଷ୍ଣଙ୍କୁ କହିଲେ, "ଏହାକୁ ଦେହଯାକ ବୋଳ ।" ଶ୍ରୀକୃଷ୍ଣ କଥା ମାନି ନିଜ ପାଦ ଛଡ଼ା ଦେହର ସବୁ ସ୍ଥାନରେ ସେ ଖିରିକୁ ବୋଳି ଦେଲେ । ତା ପରେ ଦୁର୍ବାସା ଶ୍ରୀକୃଷ୍ଣଙ୍କ ରାଣୀ ରୁକ୍ମିଣୀଙ୍କୁ ଡକାଇ ତାଙ୍କ ଦେହଯାକ ଖିରି ବୋଳାଇଲେ । ପାଖରେ ଗୋଟିଏ ରଥ ଥୁଆ ହୋଇଥିଲା । ସେ ସେହି ରଥରେ ଯାଇ ବସି ପଡ଼ି ରୁକ୍ମିଣୀଙ୍କୁ କହିଲେ, "ଏ ରଥକୁ ଭିଡ଼ି ଚାଲ ।"

ଏ ତ ମହା ଅଡ଼ୁଆ କଥା । ଶ୍ରୀକୃଷ୍ଣଙ୍କ ପାଟରାଣୀ ପୁଣି ରଥ ଭିଡ଼ିବେ, କିନ୍ତୁ ନ ଭିଡ଼ିଲେ ରକ୍ଷା ନାହିଁ । କଷ୍ଟେମଷ୍ଟେ ଖଣ୍ଡେ ଦୂର ସେ ଭିଡ଼ି ଭିଡ଼ି ନେଲେ । ଦୁର୍ବାସା ସେତିକିରେ ତାଙ୍କର ଧୈର୍ଯ୍ୟ ପରୀକ୍ଷା କରି ପାରିଲେ ନାହିଁ । ସେ ଚାବୁକ ଧରି ରୁକ୍ମିଣୀଙ୍କୁ ଚଞ୍ଚଳ ଭିଡ଼ିବା ପାଇଁ ଘୋଡ଼ାକୁ ବାଡ଼େଇଲା ପରି ବାଡ଼େଇଲେ । ରଥ ଚଞ୍ଚଳ ନ

ଯିବାରୁ ସେ ରାଗରେ ସେଥିରୁ ଓହ୍ଲାଇ ପଡ଼ି ଅଣାବାଟରେ ପଶିଲେ । ଶ୍ରୀକୃଷ୍ଣ ତାଙ୍କୁ ଅନୁନୟରେ କେତେ କଥା କହି କହି ପଛେ ପଛେ ଚାଲିଲେ ।

କି ମନ ପାଇଲା କେଜାଣି, ସେ ଘରକୁ ଫେରି ଆସି ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କୁ ଡକାଇଲେ । କହିଲେ, "ଶ୍ରୀକୃଷ୍ଣ, ତୁମ ସେବାରେ ମୁଁ ବଡ଼ ଖୁସି ହେଲି । ଅନେକ ଚେଷ୍ଟା କରି ମୁଁ ତୁମର ଦୋଷ ଖୋଜି ପାଇଲି ନାହିଁ । ବର୍ତ୍ତମାନ ତୁମେ ସୁଖରେ ରହ । ତୁମ ଦେହର ଯେଉଁ ସ୍ଥାନରେ ମୋ ଅଇଁଠା ଖୀରି ବାଜିଛି, ସେଠା ବଜ୍ରପରି ଟାଣ ହେବ । ମାତ୍ର ତୁମେ ପାଦରେ ବୋଳି ନାହଁ । ସେହି ବାଟେ ତୁମର ପ୍ରାଣ ଯିବ ।" ତା ପରେ ରୁକ୍ମିଣୀଙ୍କ ସହିବା ଗୁଣକୁ ଭାରି ପ୍ରଶଂସା କଲେ । ଶେଷରେ ଯେଉଁମାନଙ୍କୁ ପୋଡି ଦେଇଥିଲେ ସେମାନଙ୍କୁ ପୁଣି ଜୀଆଇ ଦେଇ ବିଦାୟ ନେଇ ଗଲେ । ଶ୍ରୀକୃଷ୍ଣଙ୍କ ଛଡ଼ା ଦୁର୍ବାସାଋଷିଙ୍କ ଏ ସବୁ ପରୀକ୍ଷା କଥା ଆଉ କେହି ପୃଥିବୀରେ ସହି ପାରି ନ ଥାନ୍ତେ ।

Digitized by :- Deb's Library Corner, Tambahara

ପାଣ୍ଡବଙ୍କ ପାଖେ ଅତିଥି

ପାଣ୍ଡବମାନେ ବନବାସରେ ଥିବାବେଳେ ଦୁର୍ଯ୍ୟୋଧନ ସେମାନଙ୍କର ଅନିଷ୍ଟ ଲୋଡ଼ୁଥାଏ । ଦିନେ ସେ ଦୁର୍ବାସା ଋଷିଙ୍କୁ ସେବା ପୂଜାରେ ସନ୍ତୁଷ୍ଟ କରି ବର ମାଗିଲା, "ପ୍ରଭୁ, ମୋର ଆଉ କିଛି ମାଗିବାର ନାହିଁ । ଏବେ ପାଣ୍ଡବମାନେ ବଣରେ ଅଛନ୍ତି । ସେମାନେ ଦିନରେ ଖାଇ ପିଇ ସାରିଲା ପରେ ଆପଣ ଶିଷ୍ୟମାନଙ୍କୁ ଧରି ଯାଇ ସେଠାରେ ଅତିଥି ହୁଅନ୍ତୁ ।"

ଦୁର୍ବାସା ଯେତେବେଳେ ବର ଦେବାକୁ କହିଛନ୍ତି, ଆଉ ନାହିଁ କରି ପାରିଲେ ନାହିଁ । ଦିନେ ଦଶ ହଜାର ଶିଷ୍ୟଙ୍କୁ ଧରି ଯୁଧିଷ୍ଠିରଙ୍କ ପାଖେ ବଣରେ ପହଞ୍ଚିଲେ । ସେତେବେଳକୁ ପାଣ୍ଡବମାନେ ଦ୍ୱୈତବନରେ ଖାଇ ପିଇ ବାସନ ମଜାମଜି କରି ସାରିଥିଲେ । ଦୁର୍ବାସା ଯୁଧିଷ୍ଠିରଙ୍କୁ କହିଲେ, "ଆଜି ଆମେ ସମସ୍ତେ ତୁମର ଅତିଥି ହେବୁ ।" ଯୁଧିଷ୍ଠିର କହିଲେ, "ମୋର ଏହା ପରମ ଭଗ୍ୟର କଥା । ଆପଣମାନେ ନିତ୍ୟକର୍ମ ସାରନ୍ତୁ । ମୁଁ ସବୁ ବନ୍ଦୋବସ୍ତ କରାଇ ଦେଉଛି ।"

ଦୁର୍ବାସା ଶିଷ୍ୟମାନଙ୍କୁ ଧରି ନଈକୁ ଗାଧୋଇ ଗଲେ । ଏଣେ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ସ୍ମରଣା କଲେ । ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କ ପ୍ରାର୍ଥନା ଶୁଣି ଏପରି ବ୍ୟବସ୍ଥା କରିଦେଲେ ଯେ, ଋଷି ଆଉ ଶିଷ୍ୟ-ମାନେ ଯୁଧିଷ୍ଠିରଙ୍କ ପାଖକୁ ଫେରିଲେ ନାହିଁ । ଶ୍ରୀକୃଷ୍ଣଙ୍କ ମାୟାରେ

ନଈରେ ଗାଧୋଉ ଥିବା ବେଳେ ସମସ୍ତଙ୍କ ପେଟ ପୂରି ଗଲା । କାହାର ପେଟ ଫୁଲିଇଲା, କାହାର ଅଜୀର୍ଣ୍ଣିଅ ହେଲା । ସେମାନେ ସମସ୍ତେ ସେହିଠାରୁ ସିଧା ସିଧା ନିଜ ଆଶ୍ରମକୁ ଫେରି ଗଲେ । ଦୁର୍ଯ୍ୟୋଧନଙ୍କ ପ୍ରାର୍ଥନା ଅନୁସାରେ ପାଣ୍ଡବମାନଙ୍କୁ ,ଅସୁବିଧାରେ ପକାଇବାମାଇଁ ଦୁର୍ବାସାଙ୍କର ଆଉ ସୁବିଧା ହେଲା ନାହିଁ ।

Digitized by :- Deb's Library Corner, Tambahara

ଦୁର୍ବାସା ତପସ୍ୟାରେ ବସିଲେ

ଏହିପରି କେତେ ହଜାର ବର୍ଷ ଗଲା, ଦୁର୍ବାସା ପୃଥିବୀରେ ବୁଲି ବୁଲି କ୍ଳାନ୍ତ ହୋଇ ପଡ଼ିଲେ । ଶେଷକୁ ବିଚାରିଲେ, "ଏଥର ତପସ୍ୟା କରି ଠାଏ ବସି ରହିବ ।"

ତପସ୍ୟା ପାଇଁ ଗୋଟିଏ ନିରୋଳା ଜାଗା ଦରକାର । ଦୁର୍ବାସା ପୁଷ୍କର ତୀର୍ଥକୁ ତପସ୍ୟା ପାଇଁ ଭଲ ସ୍ଥାନ ବୋଲି ଠିକ୍ କରି ସେଠାକୁ ଗଲେ । ସେଠାରେ ଆଗରୁ ଅନେକ ଯୋଗୀ ଋଷି ତପସ୍ୟା କରୁଥାନ୍ତି । ଏ ଯାଇ ଭାରି ଖୁସିରେ ସେଠି ତପସ୍ୟାରେ ବସିଲେ ।

ସେହି ସମୟରେ ଶାଲ୍ୱ ଦେଶର ରାଜା ବ୍ରହ୍ମଦତ୍ତଙ୍କର ହଂସ ଓ ଡିମ୍ଭକ ବୋଲି ଦୁଇ ପୁଅ ଥିଲେ । ଦୁହେଁ ଯାକ ଖୁବ୍ ଯୋଗ ସାଧନା କରି ମହାଦେବଙ୍କଠାରୁ ଅଭୟବର ପାଇ ଥିଲେ । ସେହି ବର ବଳରେ ଦୁଇ ଭାଇ ସଂସାରରେ କାହାକୁ ଖାତିର୍ କରନ୍ତି ନାହିଁ । ସବୁବେଳେ ଯୋଗୀଋଷିଙ୍କ ଉପରେ ଅତ୍ୟାଚାର କରନ୍ତି । ଦୁର୍ବାସା ପୁଷ୍କରଠାରେ ତପସ୍ୟା କଲାବେଳେ ଏ ଦୁଇଭାଇ ଯାଇ ତାଙ୍କ ତପସ୍ୟା ଭାଙ୍ଗିବାରେ ଲାଗିଲେ । କେତେ ଋଷିଙ୍କୁ ମାରି ତଡ଼ି ଦେଲେ । ଦୁର୍ବାସାଙ୍କର କଉପୁନି ଚିରି ଦେଲେ, ଦଣ୍ଡ କମଣ୍ଡଳୁ ଭାଙ୍ଗି ଦେଲେ । ଦୁର୍ବାସା ଏଡ଼େ ବଡ଼ ଋଷି; ହେଲେ, ହଂସ ଡିମ୍ଭକ ଦୁହେଁ ମହାଦେବଙ୍କ ବର ପାଇଥିବାରୁ ତାଙ୍କୁ ସେ କିଛି କରି ପାରିଲେ ନାହିଁ । ଶେଷକୁ ସେ ବାଧ୍ୟ ହୋଇ ପୁଷ୍କର ଛାଡ଼ି ଯାଇ ଶ୍ରୀକୃଷ୍ଣଙ୍କ

ପାଖେ ସବୁ କଥା କହିଲେ । ଋଷିମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ତାଙ୍କ ସଙ୍ଗେ ଯାଇ ସେ ଦୁଇ ଭାଇଙ୍କ ସଙ୍ଗେ ଯୁଦ୍ଧ କଲେ । ଯୁଦ୍ଧରେ ହଂସ ହାତ୍‌ ପ୍ରାଣ ହରାଇଲା । ଭାଇ ମରିଯିବାରୁ ଡିମ୍ଭକ ଦୁଃଖରେ ଯମୁନା ନଈ ଭିତରେ ବୁଡ଼ି ମଲା । ହଂସ ଡିମ୍ଭକ ଦୁଇ ଭାଇ ମରିଯିବାରୁ ପୁଷ୍କର ତୀର୍ଥରେ ଋଷିମାନେ ନିଶ୍ଚିନ୍ତ ହେଲେ । ଦୁର୍ବାସା ସୁଖରେ ବସି ତପସ୍ୟା କଲେ ।

ଏହା ପରେ ଦୁର୍ବାସା ମହର୍ଷିଙ୍କ କଥା କେହି କିଛି ଜାଣନ୍ତି ନାହିଁ ।

ସମ୍ପୂର୍ଣ୍ଣ

For more :- debaraj·123456789@gmail·com or 9556804309
Digitized by :- Deb's Library Corner, Tambahara

Printed by V. Kar, The U. S. Press, Cuttack.

Digitized by :- Deb's Library Corner, Tambahara